# <u>ବିଜ୍ଞାପନ</u>

## ୨୮ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର–୨୦୧୬ ଓ ୫ମ ରାଜ୍ୟ ଟେଲି ପୁରସ୍କାର–୨୦୧୬ ପାଇଁ ଦରଖାସ୍ତ ଆହ୍ୱାନ

ରାଜ୍ୟରେ ଉଚ୍ଚକୋଟୀର ଗୁଣବତ୍ତା ସମ୍ପନ୍ନ ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନରେ ପ୍ରସାରିତ ଧାରାବାହିକ ତଥା ଟେଲି ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି । ଚଳିତ ବର୍ଷ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ୨୮ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୬ ପାଇଁ ୨୭ ଗୋଟି ବିଭାଗରେ ଓ ରାଜ୍ୟ ୫ମ ଟେଲି ପୁରସ୍କାର-୨୦୧୬ ପାଇଁ ୨୦ ଗୋଟି ବିଭାଗରେ ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ତା ୨୮-୦୨-୨୦୧୭ ରିଖ ମଧ୍ୟରେ ସେମାନଙ୍କ ଦ୍ୱାରା ନିର୍ମିତ ନିମ୍ନ ସର୍ତ୍ତାବଳୀ ମଧ୍ୟରେ ଆସୁଥିବା ଓଡ଼ିଆ ଚଳଚ୍ଚିତ୍ର ଓ ଓଡ଼ିଆ ଦୂରଦର୍ଶନ ଧାରାବାହିକ/ଟେଲି ଚଳଚ୍ଚିତ୍ର ଗୁଡ଼ିକୁ DVD Format ରେ ରାଜ୍ୟ ସଂସ୍କୃତି ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଦାଖଲ କରାଯାଉଥିବା DVD ଗୁଡ଼ିକର ୧. କାହାଣୀ (୧୦ କପି), ୨. ସମସ୍ତ ଗୀତର ଗୀତିକାର ତଥା ଗାୟକ ମାନଙ୍କର ସମ୍ପୂର୍ଣ୍ଣ ବିବରଣୀ (୧୦ କପି), ୩. କଳାକାର ଓ ଟେକ୍ନିସିଆନ୍ ମାନଙ୍କର ସମ୍ପୂର୍ଣ୍ଣ ନାମ ଓ ଠିକଣା ତଥା ମୋବାଇଲ ନମ୍ବର (୧୦ କପି) ଲେଖାଏଁ ସଂଲଗ୍ନ କରାଯିବା ଆବଶ୍ୟକ । ଏତଦ୍‌ବ୍ୟତୀତ ପ୍ରତ୍ୟେକ DVD ପାଇଁ Censor Certificate ର ଆଟେଷ୍ଟେଡ୍ କପି ସଂଲଗ୍ନ କରାଯିବା ବାଧ୍ୟତାମୂଳକ ଅଟେ । ସର୍ତ୍ତାବଳୀ ବହିର୍ଭୁତ କିମ୍ବା ଆବଶ୍ୟକୀୟ ଉପରୋକ୍ତ ପ୍ରମାଣପତ୍ର ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇ ନ ଥିବା DVD ଗୁଡ଼ିକୁ ଚୟନ କମିଟିର ବିଚାର ପାଇଁ ଯୋଗ୍ୟ ବିବେଚିତ କରାଯିବ ନାହିଁ । ଟେଲି ଧାରାବାହିକ ପୁରସ୍କାର ୨୦୧୬ ପାଇଁ ସେହି ବର୍ଷ ପ୍ରସାରିତ ହୋଇଥିବା ଏପିସୋଡ୍ ଗୁଡ଼ିକ ମଧ୍ୟରୁ ଯେକୌଣସି ଏକ ସମ୍ପୂର୍ଣ୍ଣ ଏପିସୋଡ୍‌ର ଡିଭିଡି (୨୫ ମିନିଟ୍ ଅବଧି) ଏବଂ ମନୋନୟନ ପ୍ରକ୍ରିୟା ସହ ସମ୍ପୃକ୍ତ ବିଭିନ୍ନ ଅଭିନେତା ଅଭିନେତ୍ରୀ ଯଥା ମୁଖ୍ୟ ଅଭିନେତା, ଅଭିନେତ୍ରୀ, ହାସ୍ୟ ଅଭିନେତା, ଚରିତ୍ର ଅଭିନେତା/ଅଭିନେତ୍ରୀ, ଖଳ ନାୟକ/ଖଳ ନାୟିକା, ଶିଶୁ କଳାକାରଙ୍କ ଅଭିନୟର ଅଂଶ ସମ୍ବଳିତ ଡିଭିଡି ଦରଖାସ୍ତ ସହ ଦାଖଲ କରିବା ବାଞ୍ଛନୀୟ । ଏଥି ସହିତ ଧାରାବାହିକର ଟାଇଟିଲ୍ କାର୍ଡ଼ ସମ୍ବଳିତ ଅନ୍ୟ ଏକ ଡିଭିଡି ମଧ ଦାଖଲ କରିବା ଆବଶ୍ୟକ । ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଥ୍ୟ ପରବର୍ତ୍ତୀ କାଳରେ ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

ଉପରୋକ୍ତ ୨୮ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୬ ଓ ରାଜ୍ୟ ୫ମ ଟେଲି ପୁରସ୍କାର-୨୦୧୬ ପାଇଁ ଆବେଦନ ଫର୍ମ, ସତ୍ୟପାଠର ନମୁନା ଓ ଅନ୍ୟାନ୍ୟ ବିଶଦ ବିବରଣୀ ବିଭାଗର ୱେବ୍‌ସାଇଟ୍- www.odishaculture.gov.in ରେ ଉପଲବ୍ଧ ଅଛି । ଅଧିକନ୍ତୁ, ଏହା ମଧ ସଂସ୍କୃତି ନିର୍ଦ୍ଦେଶାଳୟର ଶ୍ରୀ ରମେଶ ଚନ୍ଦ୍ର ଶତପଥୀ, ବରିଷ୍ଠ ସହାୟକ (ମୋବାଇଲ ନଂ.୯୭୭୬୧୦୪୨୫୫) ଙ୍କ ନିକଟରୁ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଦିବା ୧୦ ଘଟିକା ଠାରୁ ୫ ଘଟିକା ମଧ୍ୟରେ ଉପଲବ୍ଧ ହୋଇପାରିବ ।

<u>ସର୍ତ୍ତାବଳୀ:</u>

୧. ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ର ଗୁଡ଼ିକ ୨୦୧୬ ବର୍ଷ (ତା ୦୧.୦୧.୨୦୧୬ ରିଖ ଠାରୁ ତା ୩୧.୧୨.୨୦୧୬ ରିଖ) ଅବଧି ମଧ୍ୟରେ ନିର୍ମିତ ହୋଇଥିବା ଆବଶ୍ୟକ । ଟେଲି ଧାରାବାହିକ ଗୁଡ଼ିକ ୨୦୧୬ ବର୍ଷ (ତା ୦୧.୦୧.୨୦୧୬ ରିଖ ଠାରୁ ତା ୩୧.୧୨.୨୦୧୬ ରିଖ) ମଧ୍ୟରେ ପ୍ରସାରିତ ହୋଇଥିବା ବାଞ୍ଛନୀୟ ଏବଂ ସମ୍ପୃକ୍ତ ଚ୍ୟାନେଲ୍ ଠାରୁ ସେଗୁଡ଼ିକର ପ୍ରସାରଣ ପ୍ରମାଣପତ୍ର (ଟେଲିକାଷ୍ଟ ସାର୍ଟିଫିକେଟ) ଦରଖାସ୍ତ ସହ ସଂଯୁକ୍ତ କରିବା ବିଧେୟ ।

୨. କେବଳ ଓଡ଼ିଆ ଭାଷା ଓ ଓଡ଼ିଆ ଜନଜାତି ଭାଷାରେ ରାଜ୍ୟରେ ନିର୍ମିତ ଚଳଚ୍ଚିତ୍ର / ଧାରାବାହିକ / ଟେଲି ଚଳଚ୍ଚିତ୍ର ଗୁଡ଼ିକୁ ପୁରସ୍କାର ପାଇଁ ଦାଖଲ କରାଯାଇ ପାରିବ ।

୩. ଅଧିକନ୍ତୁ, କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଏଜେନ୍ସି ଦ୍ୱାରା ପ୍ରାଧିକୃତ କୌଣସି ଚଳଚ୍ଚିତ୍ର ଓ ଟେଲି ଧାରାବାହିକ ତଥା ଟେଲି ଚଳଚ୍ଚିତ୍ର ଗୁଡ଼ିକୁ ପୁରସ୍କାର ପାଇଁ ଗ୍ରହଣ କରାଯିବ ନାହିଁ ।

୪. ନିର୍ଦ୍ଧାରିତ ତିନିକିତା ଆବେଦନପତ୍ର ସହିତ ଫିଚର ଫିଲ୍ମ ପାଇଁ ଟ.୩,୦୦୦/- ଙ୍କା (ଅଣଫେରସ୍ତ) ଓ ନନ୍-ଫିଚର ଫିଲ୍ମ ପାଇଁ ଟ.୧,୫୦୦/- ଙ୍କା (ଅଣଫେରସ୍ତ) ବ୍ୟାଙ୍କ ଡ୍ରାଫ୍ଟ ନିର୍ଦ୍ଦେଶକ, ସଂସ୍କୃତି, ଓଡ଼ିଶାଙ୍କ ସମକ୍ଷରେ ଦାଖଲ କରାଯିବା ଆବଶ୍ୟକ ।

୫. ଦରଖାସ୍ତ ପଠାଇବାର ଠିକଣା: ସଂସ୍କୃତି ନିର୍ଦ୍ଦେଶାଳୟ, ଓଡ଼ିଶା, ସଂସ୍କୃତି ଭବନ, ଭୁବନେଶ୍ୱର-୧୪ ଓ ଦରଖାସ୍ତ ଗ୍ରହଣର ଶେଷ ତାରିଖ : ୨୮-୦୨-୨୦୧୭ ।

୬. ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସରକାରଙ୍କ ଦ୍ୱାରା ପ୍ରଣୀତ ରାଜ୍ୟ ଚଳଚ୍ଚିତ୍ର ନିୟମ-୨୦୧୦ ଓ ସେହିପରି ରାଜ୍ୟ ଟେଲି ପୁରସ୍କାର ପ୍ରଣୀତ ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୨ ଅନୁଯାୟୀ କାର୍ଯ୍ୟକାରୀ ହେବ ।

ନିର୍ଦ୍ଦେଶକ, ସଂସ୍କୃତି ବିଭାଗ,
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,
ଭୁବନେଶ୍ୱର-୭୫୧ ୦୧୪ ।

**Entry Form**

**SCHEDULE-II**

To

The Director, Culture,

Odisha, Bhubaneswar.

Sub.:- Application for entry into the Odisha State Awards for TV Serials & Tele Films.

Sir,

I, the undersigned hereby submit the following particulars for consideration of Odisha State Awards for TV Serials / Tele Films.

1. Title of the TV Serials / Tele Films :
2. Whether a feature / children's and educational / Tele film / Tribal language film (Delete the inapplicable terms) :
3. Length of the TV Serials / Tele Films :
4. Name and full address of the Producer including Telephonic / Mobile address, if any. Telephone No. / Mobile No. / Email : :
5. In case of a TV Serials / Tele Films / the name(s) and address(s) of :

   I. The Director :

   II. Actors and Actress in prominent roles. :
6. Number and date of issue of self authorization by the Producer of the Tele-Serial in Non-Judicial Stamp paper that the serial does not contain any obscene or objectionable material detrimental to socio-cultural integrity and anti-Government campaigne. :
7. Date of release of the TV Serials / Tele Films :
8. Number and date for non-refundable deposit of Rs.3000/- in favour of Director, Culture (The draft should also be enclosed) :
9. Is the TV Serials / Tele Films a dubbed version or an adaptation or remake of film made in another language ? :
10. Whether the applicant is duly authorized in case the Producer is not the applicant (please attach the letter of authorization either in original or duly certified by a Gazetted Officer of the State or Central Government). :

11. Whether the Producer of the Tele Serial has submitted synopsis for a duration of one hour in DVD format which should contain the materials of at least 52 serials produced & exhibited in a Calendar year i.e. from 1st January, 2016 to 31st December, 2016.

12. Whether the Producer of the Tele Film has submitted synopsis for a minimum duration of twenty five minutes in DVD format which should contain the materials produced & exhibited in a Calendar year i.e. from 1st January, 2016 to 31st December, 2016.

13. In which year / years the Tele Serial has been awarded for " Best Tele Serial Award"?

I certify that the above statements are true to the best of my knowledge and belief.

I hereby agree that the State Government shall be entitled to exhibit the TV Serials / Tele Films entered for the awards in the event of it receiving an award at a festival of TV Serials / Tele Films / Documentaries organized in this connection. I also agree to make available the print of the award winning TV Serials / Tele Films whenever requisitioned by the Director, Culture, Odisha, Bhubaneswar.

Place :

Date :

**Full Signature of the Applicant**

**Contact Address / Mobile No.**

## ୫ମ ରାଜ୍ୟ ଟେଲି ପୁରସ୍କାର-୨୦୧୬ ପାଇଁ ମନୋନୟନ ପତ୍ର

| କ୍ର.ସଂ. | ମନୋନୟନ | ନାମ, ଠିକଣା ଓ ଫୋନ ନଂ. |
|---|---|---|
| ୧. | ଧାରାବାହିକ / ଟେଲି ଚଳଚ୍ଚିତ୍ର: | |
| | (କ) ପ୍ରଯୋଜକ | |
| | (ଖ) ନିର୍ଦ୍ଦେଶକ | |
| ୨. | ଭାଷା: ଓଡ଼ିଆ/ଆଦିବାସୀ (ଆଦିବାସୀ ହୋଇଥିଲେ ଭାଷାର ନାମ ଉଲ୍ଲେଖ କରନ୍ତୁ) | |
| ୩. | ଟେଲି ଚଳଚ୍ଚିତ୍ରର ବିଭାଗ (ଶିକ୍ଷାଭିତ୍ତିକ / ଶିଶୁ ସମ୍ବନ୍ଧିତ) | |
| ୪. | ମୁଖ୍ୟ ଅଭିନେତା | |
| ୫. | ଅଭିନେତ୍ରୀ | |
| ୬. | ପାର୍ଶ୍ୱ ଅଭିନେତା | |
| ୭. | ପାର୍ଶ୍ୱ ଅଭିନେତ୍ରୀ | |
| ୮. | ଖଳ ଅଭିନେତା | |
| ୯. | ଖଳ ଅଭିନେତ୍ରୀ | |
| ୧୦. | ହାସ୍ୟ କଳାକାର | |
| ୧୧. | ଶିଶୁ କଳାକାର | |
| ୧୨. | କାହାଣୀକାର | |
| ୧୩. | ସଂଳାପ ଲେଖକ | |
| ୧୪. | ଚିତ୍ରନାଟ୍ୟ ଲେଖକ | |
| ୧୫. | ସଂପାଦନା | |
| ୧୬. | ଚିତ୍ରଗ୍ରହଣ | |
| ୧୭. | ଶବ୍ଦ ଗ୍ରହଣ | |

ଉପରୋକ୍ତ ସମସ୍ତ ତଥ୍ୟ ସମ୍ପୂର୍ଣ୍ଣ ସତ୍ୟ ଅଟେ ଏବଂ କୌଣସି ପରିସ୍ଥିତିରେ ଏହାର ପରିବର୍ତ୍ତନ କରାଯାଇ ପାରିବ ନାହିଁ । ଯଦି ତଥ୍ୟ ଭ୍ରମାତ୍ମକ ବୋଲି ପ୍ରମାଣିତ ହୁଏ ତେବେ ଟେଲି ଧାରାବାହିକ / ଚଳଚ୍ଚିତ୍ରକୁ ମନୋନୟନ ପ୍ରକ୍ରିୟାରୁ ବାଦ ଦିଆଯିବ ।

ଆବେଦନକାରୀଙ୍କ ସ୍ୱାକ୍ଷର

ସ୍ଥାନ :

ତାରିଖ :

## SCHEDULE-II

Application for entry into the State Film Award Scheme.

To

The Director, Culture,
Orissa, Bhubaneswar.

Sir,

I, the undersigned hereby submit the following particulars for consideration of State Award for the Film ______________________________

1. Title of the Film

2. Whether a feature/children's and educational/documentary film- (Delete the inapplicable terms)

3. Length of the film-

4. Name and full address of the Producer including Telegraphic address, if any? Telephone No. Mobile No email

5. In case of a feature film, the name(s) and address(s) of
(i) The Director
(ii) The Story Writer
(iii) Actors and Actress in prominent roles.

6. Number and date of issue of certificate of exhibition Issued by the Central Board of Film Censors

7. Date of release of the film-

8. - Number and date for non-refundable deposit of Rs.3000/-Rs.1500/-in favour of Director, Culture (The draft should also be enclosed).

9. Is the film a dubbed version or an adaptation or remake of film made in another language?

10. Whether the applicant is duly authorized in Case the Producer is not the applicant (please attach the letter of authorization either in original or duly certified by a Gazetted Officer of the State or Central Government).

I certify that the above statements are true to the best of my knowledge and belief.

I hereby agree that the State Government shall be entitled to exhibit the film entered for the awards in the event of it receiving an award at a festival of films organized in this connection. I also agree to make available the print of the award winning film whenever requisitioned by the Director, Culture, Orissa.

Place:-

Signature of the applicant

Date:-

# ୨୮ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୬ ପାଇଁ ମନୋନୟନ ପତ୍ର

| କ୍ର.ସଂ. | ମନୋନୟନ | ନାମ / ଫୋନ |
|---|---|---|
| ୧. | ଚଳଚ୍ଚିତ୍ର | |
| ୨. | ଚଳଚ୍ଚିତ୍ରର ବିଭାଗ (ପୂର୍ଣ୍ଣାଙ୍ଗ / ପ୍ରାମାଣିକ) | |
| ୩. | ଭାଷା: ଓଡ଼ିଆ/ଆଦିବାସୀ (ଆଦିବାସୀ ହୋଇଥିଲେ ଭାଷାର ନାମ ଉଲ୍ଲେଖ କରନ୍ତୁ) | |
| ୪. | ବ୍ୟାନର ଓ ପ୍ରଯୋଜକ | |
| ୫. | ନିର୍ଦ୍ଦେଶକ | |
| ୬. | ମୁଖ୍ୟ ଅଭିନେତା | |
| ୭. | ମୁଖ୍ୟ ଅଭିନେତ୍ରୀ | |
| ୮. | ପାର୍ଶ୍ୱ ଅଭିନେତା | |
| ୯. | ପାର୍ଶ୍ୱ ଅଭିନେତ୍ରୀ | |
| ୧୦. | ହାସ୍ୟ କଳାକାର | |
| ୧୧. | ଶିଶୁ ଅଭିନେତା | |
| ୧୨. | ସଙ୍ଗୀତ ନିର୍ଦ୍ଦେଶକ | |
| ୧୩. | ଗୀତିକାର (ଗୀତର ପ୍ରଥମ ଧାଡ଼ି ଏବଂ ଗୀତିକାରଙ୍କ ନାମ ସ୍ୱତନ୍ତ୍ର ଭାବରେ ଦାଖଲ କରାଯିବ) | |
| ୧୪. | ପ୍ରଚ୍ଛଦପଟ ଗାୟକ(ଗୀତର ପ୍ରଥମ ଧାଡ଼ି ଏବଂ ଗାୟକଙ୍କ ନାମ ସ୍ୱତନ୍ତ୍ର ଭାବରେ ଦାଖଲ କରାଯିବ) | |
| ୧୫. | ପ୍ରଚ୍ଛଦପଟ ଗାୟିକା (ଗୀତର ପ୍ରଥମ ଧାଡ଼ି ଏବଂ ଗାୟିକାଙ୍କ ନାମ ସ୍ୱତନ୍ତ୍ର ଭାବରେ ଦାଖଲ କରାଯିବ) | |
| ୧୬. | ସଂପାଦନା | |
| ୧୭. | ଚିତ୍ରଗ୍ରହଣ | |
| ୧୮. | ଚିତ୍ରନାଟ୍ୟ | |
| ୧୯. | କଳା ନିର୍ଦ୍ଦେଶକ | |
| ୨୦. | ଶବ୍ଦ ଗ୍ରହଣକାରୀ | |
| ୨୧. | କାହାଣୀ | |
| ୨୨. | ସଂଳାପ ଲେଖକ | |
| ୨୩. | ବେଶ ପୋଷାକ ସଜ୍ଜାକାରୀ | |
| ୨୪. | ରୂପସଜ୍ଜାକାରୀ | |
| ୨୫. | ନୃତ୍ୟ ସଂଯୋଜନା (ଯୁଗ୍ମ ବା ତତୋଧିକ ସଂଯୋଜକ ଥିଲେ ନୃତ୍ୟ ଦୃଶ୍ୟ ନାମ ସହ ତାଲିକା ପ୍ରଦାନ କରାଯିବ) | |

ଉପରୋକ୍ତ ସମସ୍ତ ତଥ୍ୟ ସମ୍ପୂର୍ଣ୍ଣ ସତ୍ୟ ଅଟେ ଏବଂ କୌଣସି ପରିସ୍ଥିତିରେ ଏହାର ପରିବର୍ତ୍ତନ କରାଯାଇ ପାରିବ ନାହିଁ । ଯଦି ତଥ୍ୟ ଭ୍ରମାତ୍ମକ ବୋଲି ପ୍ରମାଣିତ ହୁଏ ତେବେ ଟେଲି ଧାରାବାହିକ / ଚଳଚ୍ଚିତ୍ରକୁ ମନୋନୟନ ପ୍ରକ୍ରିୟାରୁ ବାଦ ଦିଆଯିବ ।

ଆବେଦନକାରୀଙ୍କ ସ୍ୱାକ୍ଷର

ସ୍ଥାନ :

ତାରିଖ :